# ପାରିବାରିକ ରାଜନୀତିକୁ ପସନ୍ଦ କରୁନାହାନ୍ତି ଭୋଟର: ଭାଜପା

ନବରଙ୍ଗପୁର,୨।୪(ସଦାଶିବ ପ୍ରହରାଜ)

ଭାଜପା ପକ୍ଷରୁ ନବରଙ୍ଗପୁର ବିଧାନସଭା ପ୍ରାର୍ଥୀ ଭାବେ ଗୌରୀ ଶଙ୍କର ମାଝି ଓ ଉମରକୋଟ ବିଧାନସଭା ପ୍ରାର୍ଥୀ ଭାବେ ନିତ୍ୟାନନ୍ଦ ଗଣ୍ଡଙ୍କ ନାମ ଘୋଷଣା ହୋଇଛି। ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ୨ ବିଧାନସଭା ନିର୍ବାଚନ ମଣ୍ଡଳୀରେ କର୍ମୀ ଓ କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ତେବେ ଝରିଗାଁ ଓ ଡାବୁଗାଁ ବିଧାନ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇନାହିଁ ।

ଏହି ଅବସରରେ ନବରଙ୍ଗପୁର ପ୍ରାର୍ଥୀ ଗୌରୀ ମାଝୀ କହିଛନ୍ତି ଯେ, ଏଥର ଡବଲ ଇଞ୍ଜିନ ସରକାର ଗଠନ


ଗୌରୀ ଶଙ୍କର ମାଝି


ନିତ୍ୟାନନ୍ଦ ଗଣ୍ଡ

ହେବ। କେନ୍ଦ୍ର ଓ ରାଜ୍ୟରେ ଭାଜପା ଆସିବ ବୋଲି ଦୃଢ଼ୋକ୍ତିର ସହ କହିଛନ୍ତି। ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କୁ କମ୍ ବ୍ୟବଧାନ ଭୋଟରେ ପରାଜୟ ସ୍ୱୀକାର କରିବାକୁ ପଡିଥିଲା। ଚଳିତ ନିର୍ବାଚନରେ ବିଜେଡି ଯାହାଙ୍କୁ ପ୍ରାର୍ଥୀ କରିଛି, ସେମାନଙ୍କୁ ନେଇ ପାରିବାରିକ ରାଜନୀତି କଥା ଉଠିଲାଣି । ନବରଙ୍ଗପୁର

**ନବରଙ୍ଗପୁର ଆସନରେ ଗୌରୀ, ଉମରକୋଟରେ ନିତ୍ୟାନନ୍ଦ**

ବିଧାୟକ ବୋଧେ ଲୋକଙ୍କ ପାଇଁ ଓ ବିକାଶ କାର୍ଯ୍ୟ କିଛି କରିପାରିଲେ ନାହିଁ । ଏଥିପାଇଁ ତାଙ୍କ ପତ୍ନୀଙ୍କୁ ପ୍ରାର୍ଥୀ କରିଛନ୍ତି। ସେହିପରି ଖଗପତି ପ୍ରଧାନୀ ୯ ଥର ଏମ୍‌ପି ଥିଲେ। ନବରଙ୍ଗପୁର ବିଧାୟକ ସେହି ପରିବାରର ଓ ତାଙ୍କ ପତ୍ନୀ ଏବେ ବିଜେଡି ପ୍ରାର୍ଥିନି ହୋଇଛନ୍ତି । ଭୋଟର ମନ ବଦଳାଇଲେଣି । ଭୋଟର ଜନାର୍ଦ୍ଦନ, ଏଥର ଭୋଟର ତାଙ୍କ ପାଇଁ ଲଢୁଛନ୍ତି । ଜିଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, ନିଯୁକ୍ତି, ଶିଳ୍ପ ଓ ଆର୍ଥିକ ଓ ସାମାଜିକ ଉନ୍ନତିରେ ବହୁ ପଛରେ । ଏହି ସବୁ ପ୍ରସଙ୍ଗକୁ ନେଇ ନିର୍ବାଚନ ମୈଦାନକୁ ଓହ୍ଲାଇବେ ବୋଲି ପ୍ରାର୍ଥୀ ଗୌରୀ ଶଙ୍କର ମାଝୀ କହିଛନ୍ତି। ଅନ୍ୟପକ୍ଷରେ ଉମରକୋଟ ପ୍ରାର୍ଥୀ ନିତ୍ୟାନନ୍ଦ ଗଣ୍ଡ ଗତ ନିର୍ବାଚନରେ ବିଜୟୀ ହୋଇ ବିଧାୟକ ହୋଇଥିଲେ। ଏଥର ମଧ୍ୟ ତାଙ୍କ ସମର୍ଥକ ଓ ଦଳର କର୍ମକର୍ତ୍ତାଙ୍କୁ ସେଇ ସ୍ଥାନୀୟ ସମସ୍ୟା ଓ ବିକାଶ ଧାରା ନାଁରେ ହୋଇଥିବା ବିଭିନ୍ନ ଦୁର୍ନୀତୀକୁ ପ୍ରସଙ୍ଗ କରି ନିର୍ବାଚନ ମୈଦାନରେ ଓହ୍ଲାଇବେ । ଝରିଗାଁ ଓ ଡାବୁଗାଁ ବିଧାନସଭା ପ୍ରାର୍ଥୀ ପାଇଁ ୬ ଜଣ ଆଶାୟୀ ରହିଥିବାରୁ ଦଳ ପ୍ରାର୍ଥୀ ଚୟନ କରି ନ ଥିବା ଆଲୋଚନା ହେଉଛି ।

## ବୁଥ୍ ପରିଦର୍ଶନ କଲେ ଜିଲାପାଳ



ନବରଙ୍ଗପୁର, ୨।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ର ମଙ୍ଗଳବାର ନବରଙ୍ଗପୁର ବ୍ଲକ୍‌ଠାରେ ନିର୍ବାଚନ ପରିଚାଳନା ନେଇ ସମୀକ୍ଷା କରିଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ପାଇଁ ଗଠିତ ବୁଥ୍‌ଗୁଡିକରେ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା ରହିଛି କି ନାହିଁ ସେ ନେଇ ସେକ୍ଟର ଅଫିସର, ବିଡ଼ିଓ, ଜେଇ ଓ ଜିପିଇଓମାନଙ୍କ ସହିତ ଆଲୋଚନା କରିଥିଲେ। ଯେଉଁ ବୁଥ୍‌ରେ କିଛି ସମସ୍ୟା ରହିଛି ତାହା ତୁରନ୍ତ ଦୃଷ୍ଟିକୁ ଆଣିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପରେ ବ୍ଲକ ପାତ୍ରମୁଣ୍ଡା, ଗୁମାଗୁଡା ଓ ସାନକୀମୁଲି ବିଦ୍ୟାଳୟ (ବୁଥ) ପରିଦର୍ଶନ କରିଥିଲେ। ପାଣି, ଆଲୋକ ବ୍ୟବସ୍ଥା, ଫ୍ୟାନ ବ୍ୟବସ୍ଥା ରହିଛିକି ନାହିଁ ତାହା ଦେଖିଥିଲେ। ଜିଲାପାଳଙ୍କ ସହ ବିଡ଼ିଓ ସୁନୀଲ ଖୋରା, ଜେଇ ଉର୍ଜାଦିପ ବେହେରା, ବିନୋଦ ବେହେରା, ଅରବିନ୍ଦ ବେହେରା, ଏସ.କେ.ମୁରସେଦ, ଜିପିଇଓ ଓ ଆର ଡବ୍ଲୁଏସଏସର ସହକାରୀ ଯନ୍ତ୍ରୀ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ରକ୍ତଦାନ କରି ବାଳିକାଙ୍କ ଜୀବନ ବଞ୍ଚାଇଲେ ରଞ୍ଜନ



ଚନ୍ଦାହାଣ୍ଡି, ୨।୪(ଦିଲୀପ ଦାସ )

ରକ୍ତହୀନତାର ଶିକାର ହୋଇଥିବା ଜଣେ ଆଦିବାସୀ ଝିଅଙ୍କୁ ରକ୍ତଦାନ କରି ବିପଦର ବନ୍ଧୁ ସାଜିଛନ୍ତି ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଲାବଣ୍ୟ ମାଝୀ ଯୁବକ ସଂଘ ସଦସ୍ୟ ରଞ୍ଜନ ମାଝୀ। ରଞ୍ଜନଙ୍କ ଏଭଳି ମହାନ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ସୂଚନା ଅନୁଯାୟୀ, ଚନ୍ଦାହାଣ୍ଡି ବ୍ଲକ୍ ଜୁନାପାଣି ଗ୍ରାମର ଆଦିବାସୀ ଝିଅ ଗୀତାଞ୍ଜଳି ମାଝୀଙ୍କୁ ଜ୍ୱର ହୋଇଥିବାବେଳେ ସେ ରକ୍ତହୀନତାର ଶିକାର ହୋଇଥିଲେ। ତେଣୁ ପରିବାର ଲୋକେ ତାଙ୍କୁ ନବରଙ୍ଗପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଡାକ୍ତର ସାସ୍ଥ୍ୟ ପରୀକ୍ଷା କରିବା ପରେ ରୋଗୀଙ୍କ ଶରୀରରେ ହିମୋଗ୍ଲୋବିନ ପରିମାଣ କମ୍ ଥିବା କହିବା ସହିତ ତୁରନ୍ତ ରକ୍ତ ଯୋଗାଡ଼ କରିବାକୁ ପରାମର୍ଶ ଦେଇଥିଲେ। ରୋଗୀଙ୍କୁ ବି-ପଜିଟିଭ ରକ୍ତର ଆବଶ୍ୟକତା ଥିବାରୁ ପରିବାର ଲୋକେ ଚିନ୍ତାରେ ପଡ଼ିଥିଲେ। ସୂଚନା ପାଇବା କ୍ଷଣି ଚନ୍ଦାହାଣ୍ଡି ବ୍ଲକ୍ ଜୁନାପାଣି ଗ୍ରାମର ଲାବଣ୍ୟ ମାଝୀ ଯୁବକ ସଂଘର ସଦସ୍ୟ ରଞ୍ଜନ ମାଝୀ ନବରଙ୍ଗପୁର ସରକାରୀ ଚିକିତ୍ସାଳୟରେ ପହଞ୍ଚି ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ। ଜରୁରୀ ସମୟରେ ରକ୍ତଦାନ କରି ଗୀତାଞ୍ଜଳି ମାଝୀଙ୍କ ଜୀବନ ବଞ୍ଚାଇଥିବାରୁ ପରିବାର ଲୋକେ ଓ ଲାବଣ୍ୟ ମାଝୀ ଯୁବକ ସଂଘର ସମସ୍ତ ସଦସ୍ୟ ରଞ୍ଜନ ମାଝୀଙ୍କୁ କୃତଜ୍ଞତା ଜଣାଇଥିଲେ। ଏଭଳି ବିପଦ ସମୟରେ ଅନ୍ୟମାନେ ମଧ୍ୟ ରକ୍ତଦାନ କଲେ ଅନେକ ଜୀବନ ବଞ୍ଚିପାରିବ ବୋଲି ରଞ୍ଜନ ମାଝୀ କହିଛନ୍ତି।

### ପୂର୍ବତନ ବିଧାୟକଙ୍କ ଶ୍ରାଦ୍ଧବାର୍ଷିକୀ



ପଡ଼ିଆ, ୨।୪(ଭାସ୍କର ରାଓ)

ପୂର୍ବତନ ବିଧାୟକଙ୍କ ୩୨ତମ ଶ୍ରାଦ୍ଧବାର୍ଷିକରେ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଯୋଗଦେଇ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ ସହ ନୀରବ ପ୍ରାର୍ଥନା କରିଥିବା ଦେଖିବାକୁ ମିଳିଛି । ପୂର୍ବତନ ବିଧାୟକ ନାକା କାନାୟାଙ୍କର ପଡିଆ ବ୍ଲକ ସଦର ମହକୁମା ନିଜ ବାସଭବନରେ ମଙ୍ଗଳବାର ୩୨ତମ ଶ୍ରାଦ୍ଧବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶ୍ରାଦ୍ଧବାର୍ଷିକୀରେ ପୂର୍ବତନ ବିଧାୟକ ମାନସ ମାଡକାମୀ, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି ଯୋଗ ଦେଇଥିଲା ବେଳେ ସାମାଜିକକର୍ମୀ ଏନ ରାଘବ ରାଓ, ବିଜେଡି ବ୍ଲକ ସଭାପତି ଏମଡି ଫାରୁକ, ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପରମା ନନ୍ଦ ମହାପାତ୍ର,ପଡିଆ ସରପଞ୍ଚ ଗଙ୍ଗା କାରାମ, ମାଟେରୁ ସରପଞ୍ଚ ଲକ୍ଷ୍ମଣ ମାଡକାମୀ, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନାରାୟଣ ସରକାର ପ୍ରମୁଖ ଅଞ୍ଚଳର ବରିଷ୍ଠ ବୁଦ୍ଧିଜୀବୀ ଏବଂ ବରିଷ୍ଠ ନାଗରିକଙ୍କ ସମେତ ମାନ୍ୟଗନ୍ୟ ବ୍ୟକ୍ତି ଯୋଗଦେଇ ନାକାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ନୀରବ ପ୍ରାର୍ଥନା କରିଥିଲେ ।

## ନଳକୂପ କାର୍ଯ୍ୟକ୍ଷମ ନ ହେଲେ ଆନ୍ଦୋଳନ ଚେତାବନୀ


ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବା ଚାଷୀ।

ନବରଙ୍ଗପୁର,୨।୪(ସଦାଶିବ ପ୍ରହରାଜ)

- କମ୍ ଗଭୀରତା ନଳକୂପ ଖନନ ଅଭିଯୋଗ
- ପାଣି ଉଠୁନି, ଆସୁଛି ବିଦ୍ୟୁତ୍ ବିଲ୍

ନବରଙ୍ଗପୁର ଜିଲା ରାଇଘର ବ୍ଲକ୍ ଜଲଙ୍ଗପାରା ପଞ୍ଚାୟତରେ ବର୍ଷେ ପୂର୍ବେ ଉଠା ଜଳସେଚନ ପ୍ରକଳ୍ପ ଅଧୀନରେ ନଳକୂପ ଖନନ କରାଯାଇଥିଲା। କମ୍ ଗଭୀରତାରେ ନଳକୂପ ଖନନ ଯୋଗୁଁ ଏବେ ପ୍ରାୟ ୨୦୦ଟି ନଳକୂପରୁ ପ୍ରାୟ ୧୬୦ଟି ନଳକୂପରୁ ପାଣି ବାହାରୁନି। ଏପଟେ ନିୟମିତ ଭାବେ ବିଦ୍ୟୁତ ବିଲ ପୈଠ କରିବାକୁ ପଡୁଛି। ସପ୍ତାହ ମଧ୍ୟରେ ନଳକୂପ କାର୍ଯ୍ୟକ୍ଷମ ନ କରିଲେ ରାସ୍ତାରୋକୋ ଆନ୍ଦୋଳନ କରାଯିବ ବୋଲି ରାଇଘର ବ୍ଲକ ଜଲଙ୍ଗପାରା ପଞ୍ଚାୟତର ଚାଷୀମାନେ ଚେତାବନୀ ଦେଇଛନ୍ତି । ତୁରନ୍ତ ସମସ୍ତ ନଳକୂପ କାର୍ଯ୍ୟକ୍ଷମ କରାଯିବାକୁ ଚାଷୀମାନେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅତିରିକ୍ତ ଜିଲାପାଳଙ୍କୁ ଆସି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ଗତ ୨୦୨୨-୨୩ରେ ଜଲଙ୍ଗପାରା ପଞ୍ଚାୟତରେ ଆବେଦନ କରିଥିବା ପ୍ରାୟ ୨୦୦ଟି ନଳକୂପ ଖନନ କରାଯାଇ ବିଦ୍ୟୁତ ସଂଯୋଗ ଦିଆଗଲା। ଏବେ ପ୍ରାୟ ୧୬୦ରୁ ଅଧିକ ନଳକୂପରୁ ବାହାରୁନି ପାଣି।

ସୂଚନା ଥାଉକି, ନଳକୂପ ଖନନ ପାଇଁ ବିପିଏଲ ଚାଷୀମାନେ ୧୦ ହଜାର ଟଙ୍କା ପୈଠ କରିଥିବା ବେଳେ ଅଣବିପିଏଲ ଚାଷୀମାନେ ୨୦ ହଜାର ଟଙ୍କା ପୈଠ କରିଥିଲେ। ୪ ରୁ ୯ ଚାଷୀଙ୍କୁ ମିଶାଇ ଗୋଟିଏ ପ୍ରକଳ୍ପ ପାଇଁ ଚାଷୀମାନେ ଆବେଦନ କରିଥିଲେ। ନଳକୂପ ଖନନ ସମୟରେ ଯେତିକି ଗଭୀରତାରେ ଖୋଳିବାର ନିୟମ ରହିଛି, ସେତିକି ଗଭୀରତାରେ ନଳକୂପ ଖନନ କରାଯାଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷୀଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ କମ୍ ଗଭୀରତାରେ ନଳକୂପ ଖନନ କରି ଠିକାଦାର ଚାଲିଗଲେ। ଫଳରେ ଏବେ ସେଚ ପ୍ରକଳ୍ପ ମଧ୍ୟରୁ ଶତାଧିକ ପ୍ରକଳ୍ପରୁ ପାଣି ବାହାରୁନି। ଅନ୍ୟପକ୍ଷରେ ଏବେ ବର୍ଷା ନ ଥିବାରୁ ଫସଲ ନଷ୍ଟ ହେବାରେ ଲାଗିଛି। କିନ୍ତୁ ଚାଷୀଙ୍କ କ୍ଷେତକୁ ପାଣି ଯାଉନି। ଏ ନେଇ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ସରପଞ୍ଚ ଶିବ କୁମାର ଗଣ୍ଡ, ସାଧୁରାମ ଗଣ୍ଡ, ରବି ଗଣ୍ଡ, ରୂପସିଂ ଗଣ୍ଡ, ପରମାନନ୍ଦ ଦାସ ପ୍ରମୁଖ କହିଛନ୍ତି। ଏପରି ସମସ୍ୟା କେବଳ ଗୋଟିଏ ପଞ୍ଚାୟତର ନୁହେଁ ସାରା ବ୍ଲକରେ ଏପରି ଅବସ୍ଥା ଉପୁଜିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସପ୍ତାହ ମଧ୍ୟରେ ନଳକୂପ ମରାମତି ହୋଇ ପ୍ରକଳ୍ପ କାର୍ଯ୍ୟକ୍ଷମ ନ ହେଲେ ଆଗାମୀ ଦିନରେ ବ୍ଲକ ସାରା ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଅଭିଯୋଗ ପରେ ଟେଣ୍ଡର ବାତିଲ
## ଜମା ଟଙ୍କା ଫେରସ୍ତ ନେଇ ଆଶଙ୍କାରେ ଠିକାଦାର

ନବରଙ୍ଗପୁର,୨।୪ (ସଦାଶିବ ପ୍ରହରାଜ)

ସାଧାରଣ ନିର୍ବାଚନକୁ ଦୃଷ୍ଟରେ ରଖି ସରକାରଙ୍କ ପକ୍ଷରୁ ସାରା ଦେଶ ତଥା ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। ମାର୍ଚ୍ଚ ୧୬ରୁ ସରକାରଙ୍କ ପକ୍ଷରୁ କୌଣସି ଉନ୍ନୟନମୂଳକ କାର୍ଯ୍ୟର ଆହ୍ୱାନ ବା କାର୍ଯ୍ୟାଦେଶ ଦିଆଯିବ ନାହିଁ ବୋଲି ନିର୍ବାଚନ କମିଶନ ପୂର୍ବରୁ ସୂଚନା ଦେଇଛନ୍ତି। ନରଙ୍ଗପୁର ଜିଲାର ଜିଲା ପରିଷଦ କାର୍ଯ୍ୟାଳୟ ପକ୍ଷରୁ ଏହାର ଅବମାନନା କରାଯାଇ ଶିକ୍ଷା ବିଭାଗ ଅଧୀନରେ ଥିବା ଜିଲାର କିଛି ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ୨୨।୩।୨୪ ଠାରୁ ୩୦।୦୩।୨୪ ମଧ୍ୟରେ ୯୪ଟି କାମ ପାଇଁ ଠିକାଦାର ଭାଗ ନେଇପାରିବେ। ୦୨।୦୪।୨୪ ଜିଲା ପରିଷଦ କାର୍ଯ୍ୟାଳୟରେ ଉକ୍ତ ଟେଣ୍ଡର ଖୋଲାଯିବ ବୋଲି ଉଲ୍ଲେଖ ରହିଥିଲା। ଏହି ଘଟଣାକୁ ନେଇ ସାମାଜିକ କର୍ମୀ ବିଭୁତି ପ୍ରସାଦ ପଣ୍ଡା ଜିଲାପାଳ ତଥା ରାଜ୍ୟ ନିର୍ବାଚନ ଅଧିକାରୀ ଓ ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଜିଲାପାଳ ଟେଣ୍ଡରକୁ ସୋମବାର ବାତିଲ କରିଛନ୍ତି।। ଏବେ ଏଠି ପ୍ରଶ୍ନ ଉଠୁଛି ଟେଣ୍ଡର କାର୍ଯ୍ୟ ପାଇଁ ପେପର କିଣିଥିବା ଓ ଇଏମଡି ଜମା କରିଥିବା ଶତାଧିକ ଠିକାଦାର ତାଙ୍କର ଅର୍ଥ ଫେରସ୍ତ ପାଇବେକି ନାହିଁ ତାହା ସନ୍ଦେହରେ ରହିଛନ୍ତି । ଏ ନେଇ ସମଗ୍ର ଶିକ୍ଷା ଅଭିଯାନ ବରିଷ୍ଠ ବୈଷୟିକ ଅଧିକାରୀ ବିଚିତ୍ରା ନନ୍ଦ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଟେଣ୍ଡର ବାତିଲ ହୋଇଯାଇଛି । ଠିକାଦାରମାନେ ଖୁବଶୀଘ୍ର ସେମାନଙ୍କ ଇଏମଡି ଟଙ୍କା ଫେରି ପାଇବେ ବୋଲି ସେ କହିଛନ୍ତି ।

## ମା'ଙ୍କ ନବଦିନ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ


ଠାକୁରାଣୀଙ୍କ ଯାତ୍ରା ପାଇଁ ଗାନ୍ଧୀଛକଠାରେ ଶୁଭଖୁଣ୍ଟି ସ୍ଥାପନ କରାଯାଉଛି।

ଉମରକୋଟ,୨।୪ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟର ମା' ଜଗଜ୍ଜନନୀ ଠାକୁରାଣୀଙ୍କ ନବଦିନ ଯାତ୍ରା ପାଇଁ ମଙ୍ଗଳବାର ଗାନ୍ଧୀ ଛକଠାରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ମା'ଙ୍କ ନବଦିନ ଯାତ୍ରା ଚଳିତ ମାସ ୧୫ରୁ ଆରମ୍ଭ ହୋଇ ୨୩ ପର୍ଯ୍ୟନ୍ତ ମହାଆଡମ୍ବର ସହକାରେ କଳସୀ ଯାତ୍ରା ଅନୁଷ୍ଠିତ ହେବ। ମଙ୍ଗଳବାର ଶୁଭଖୁଣ୍ଟି ସ୍ଥାପନ ସମୟରେ ମା' ମଙ୍ଗଳା ମନ୍ଦିର ପୂଜକ ଭୁବନ ପୂଜାରୀ ପୂଜାର୍ଚ୍ଚନା କରିବା ପରେ ଖୁଣ୍ଟି ସ୍ଥାପନ କରାଯାଇଥିଲା। ନବଦିନ ଯାତ୍ରା କମିଟିର ସଭାପତି ମୁନା ପାଢ଼ୀ, ଉପ ସଭାପତି ପି. ଆଶିଷ କୁମାର ରାଓ, ସମ୍ପାଦକ ତପନ ମିଶ୍ର ଓ କୋଷାଧ୍ୟକ୍ଷ ଗୋବିନ୍ଦ ମାଝୀଙ୍କ ସହ ବାରପାଲି ଗାଁର ଶିରା, ପୂଜାରୀ, ରଇତମାନଙ୍କ ସହ ଉମରକୋଟ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶୁଭଖୁଣ୍ଟି ସ୍ଥାପନ ପରେ ଗାନ୍ଧୀ ଛକଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯାତ୍ରା କମିଟିର ସଭାପତି ମୁନା ପାଢ଼ୀ ନବଦିନ ଯାତ୍ରା କିପରି ସୁରୁଖୁରୁରେ ହୋଇପାରିବ ସେଥିନିମନ୍ତେ ଉପସ୍ଥିତ ସଦସ୍ୟମାନଙ୍କୁ ସହଯୋଗ ନିମନ୍ତେ ନିବେଦନ କରିଥିଲେ। ବୈଠକରେ ଯାତ୍ରା କମିଟିର ପୂର୍ବତନ ସଭାପତି ପି.ରାବଣା ରାଓ, କାଉନସିଲର ତପନ ଦେବନାଥ, ମନୋଜ ନାୟକ, କୈଳାସ ନାୟକ, ହେମନ୍ତ ଜେନା, ଉମରକୋଟ ବିଜେଡି ବିଧାୟକ ପ୍ରାର୍ଥିନୀ ନବୀନା ନାୟକଙ୍କ ସହ ବରିଷ୍ଠ ଆଇନଜୀବୀ ଝାଡ଼େଶ୍ୱର ମହାନ୍ତି, ପ୍ରଶାନ୍ତ ସାହୁ, ରାମ ନାୟକ, ବାଳକୃଷ୍ଣ ପାତ୍ର, ବାବୁଲା ସନ୍ତ୍ରା, ଭି.ବୁଜି ରାଓ, ପର୍ଶୁ ନାୟକ, ଅକ୍ଷୟ ବିଶୋୟୀ, ବିଦ୍ୟାଧର ଜେନା, ଲୁଦୁ ନାୟକଙ୍କ ସହ ଶତାଧିକ ଭକ୍ତ ଉପସ୍ଥିତ ରହି ନିଜ ନିଜର ମତାମତ ଦେଇଥିଲେ।

## ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ
## ବିଭିନ୍ନ ଦଳରେ ଆଶାୟୀଙ୍କ ସଂଖ୍ୟା ବୃଦ୍ଧି

ମାଥିଲି, ୨।୪(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ୪ ବ୍ଲକ ଯଥା ମାଥିଲି, ଖଇରପୁଟ, ଚିତ୍ରକୋଣ୍ଡା ଓ କୋରୁକୋଣ୍ଡାର କେତେକ ପଞ୍ଚାୟତକୁ ନେଇ ଗଠିତ । ୨୦୨୪ ନିର୍ବାଚନ ଯେତେ ପାଖେଇ ଆସୁଛି ବିଭିନ୍ନ ଦଳର ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଗତ ବିଧାନସଭା ନିର୍ବାଚନରେ ବିଜେଡିରୁ ଦାଦା ଓ କଂଗ୍ରେସରୁ ଝିଆରୀଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ବିଜେଡି ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ବାକା ୪୧,୧୯୨ ଭୋଟ ପାଇଥିବା ବେଳେ ଝିଆରୀ କଂଗ୍ରେସ ପ୍ରାର୍ଥିନୀ ଲକ୍ଷ୍ମୀପ୍ରିୟା ନାୟକ ୩୮,୬୪୭ ଭୋଟ ପାଇ ୨୫୪୫ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। କଂଗ୍ରେସର ଅନ୍ୟ ଜଣେ ଅସନ୍ତୁଷ୍ଟ ପ୍ରାର୍ଥୀ ଲାରାଜୁ କୋପେ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ୬୬୦୫ ଭୋଟ ପାଇଥିଲେ। ଲକ୍ଷ୍ମୀପ୍ରିୟା ବର୍ତ୍ତମାନ ବିଜେଡିରେ ଅଛନ୍ତି। ଗତ ନିର୍ବାଚନଠାରୁ ଚଳିତ ୨୦୨୪ ନିର୍ବାଚନ ଭିନ୍ନ ରୂପ ନେଉଛି। ଗତ ପଞ୍ଚାୟତ ନିର୍ବାଚନରେ ଲକ୍ଷ୍ମୀପ୍ରିୟା ବିଜେଡିରେ ସାମିଲ ହୋଇ ବର୍ତ୍ତମାନ ଜିଲା ପରିଷଦ ସଭ୍ୟା ଓ ଜିଲା ବିଜେଡି ମହିଳା ସଭାପତି ଅଛନ୍ତି। ସଭାପତି ପଦ ପାଇବା ଦିନଠାରୁ ସାରା ଜିଲାରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ଦିନ ରାତି ଏକ କରି ଦେଇଛନ୍ତି। ବିଜେଡିର ଆଶାୟୀ ପ୍ରାର୍ଥୀ ମଧ୍ୟରେ ସେ ଜଣେ ରହିଛନ୍ତି। ଅନ୍ୟ ଆଶାୟୀଙ୍କ ମଧ୍ୟରେ ବିଜେଡିର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ବ୍ଲକ ଅଧ୍ୟକ୍ଷ ମହେଶ କୁମାର ବାକା, ଗୋବିନ୍ଦପାଲି ସରପଞ୍ଚ ଶ୍ରୀନିବାସ ମୁଦୁଲି, ମାଥିଲି ବ୍ଲକ ସଭାପତି ବିଦ୍ୟା ପୂଜାରୀ ଓ ମାଥିଲି ବ୍ଲକ ପୂର୍ବତନ ସଭାପତି ସଦାଶିବ ପୂଜାରୀଙ୍କ ସମେତ ଅନ୍ୟ କେତେଜଣ ମଧ୍ୟ ଦୌଡରେ ଥିବା ଶୁଣିବାକୁ ମିଳୁଛି। ଏମାନଙ୍କ ମଧ୍ୟରେ ୩ ଜଣ ଗୋଟିଏ ପରିବାରର। ପୂର୍ଣ୍ଣଚନ୍ଦ୍ର ବାକାଙ୍କ ପୁଅ ହେଉଛନ୍ତି ମାଥିଲି ବ୍ଲକ ଅଧ୍ୟକ୍ଷ ମହେଶ ବାକା ଓ ଲକ୍ଷ୍ମୀପ୍ରିୟା ପୂର୍ଣ୍ଣଙ୍କ ଝିଆରୀ ।

ସେହିଭଳି ଭାଜପାରେ ମଧ୍ୟ ଆଶାୟୀଙ୍କ ତାଲିକା ଲମ୍ବା । ୨୦୧୯ ନିର୍ବାଚନରେ ଭାଜପା ପ୍ରାର୍ଥୀ ପଦୁ ମାଝି ୨୯,୫୭୯ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଚଳିତ ନିର୍ବାଚନରେ ଭାଜପା ପ୍ରାର୍ଥୀ ଆଶାୟୀଙ୍କ ସଂଖ୍ୟା ୧୦ ରୁ ୧୨ ଜଣ ରହିଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ ଗତ ନିର୍ବାଚନରେ ପରାଜିତ ହୋଇଥିବା ପଦୁ ମାଝି ରହିଥିବା ବେଳେ ଅନ୍ୟମାନେ ହେଲେ ଚାଉଳମେନ୍ଦି ସରପଞ୍ଚ ଜଳନ୍ଧର ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟା ଶାନ୍ତିଲତା ମାଝି, ଟିବୁରାମ ଟାଙ୍ଗୁଲ, ପୂର୍ବତନ ଜିଲା ପରିଷଦ କୁଶ ତାଡି, ବନମାଳୀ ବରଜା, ଉଜ୍ଜ୍ୱଳପ୍ରେମ ଦୋରା, ହଳଧର କୋପେ, ସୁବାସ ପଡିଆମୀ,ସାବିତ୍ରୀ ପଡିଆମୀ,ରମାକାନ୍ତ ମାଡକାମୀ ଓ ସହଦେବ ଶିଶା ଆଶାୟୀ ପ୍ରାର୍ଥୀ ଦୌଡରେ ରହିଥିବା ଶୁଣିବାକୁ ମିଳୁଛି। ଏ ସମ୍ପର୍କରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କୁ ପଚାରିବାରୁ ଦଳର ମୁଖିଆ ଯାହା ନିଷ୍ପତ୍ତି ନେବେ ତାଙ୍କୁ ଆମେ ମାନିବୁ ଏବଂ ସହଯୋଗ କରିବୁ ବୋଲି କହିଛନ୍ତି । ମାଥିଲି ବ୍ଲକ ଭାଜପା ସଭାପତି ଜଳନ୍ଧର ନାୟକଙ୍କୁ ପଚାରିବାରୁ ଦଳ ଯାହା ନିଷ୍ପତ୍ତି ନେବ ଆମେ ତାକୁ ମାନିବୁ ବୋଲି କହିଥିଲେ।

## ପ୍ରମୁଖ ସଚିବଙ୍କ ମାଥିଲି ବ୍ଲକ ଗସ୍ତ

ମାଥିଲି, ୨।୪ (ସୁବାସ ଚନ୍ଦ୍ର ଖୁଡୁପିଆ)


ମାଥିଲି ବ୍ଲକ ଅଞ୍ଚଳରେ ପ୍ରମୁଖ ଶାସନ ସଚିବ ସୁଶୀଲ ଲୋହାନୀ ଓ ଅନ୍ୟମାନେ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖୁଛନ୍ତି ।

ମାଲକାନଗିରି ଜିଲା ମାଥିଲି ବ୍ଲକକୁ ପଞ୍ଚାୟତିରାଜ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ମଙ୍ଗଳବାର ଗସ୍ତ କରିଥିଲେ । ଉଦୁଲି ବେଡା ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଥିଲେ । ତଳ ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୫-ଟି ବିଦ୍ୟାଳୟ ଭଳି ସୁନ୍ଦର ଭାବରେ ରୂପାନ୍ତରିତ ହୋଇଥିବା ଦେଖି ଲୋହାନୀ ଖୁସିବ୍ୟକ୍ତ କରିଥିଲେ । ଲୁଦୁଲିବେଡା ପଞ୍ଚାୟତର ଅମୃତ ସରୋବର ଓ ବ୍ୟାଙ୍କ ସେବା ବୁଲି ଦେଖି ଥିଲେ । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମହାରଣା ଓ ମାଥିଲି ବ୍ଲକର ଏଇ ହୃଦୟ ରଞ୍ଜନ ବାଗ, କନିଷ୍ଠ ଯନ୍ତ୍ରୀ ନୀହାର ରଞ୍ଜନ ସରକାର ଓ ପଞ୍ଚାୟତ କର୍ମଚାରୀଙ୍କୁ ନେଇ ଉନ୍ନୟନ କାର୍ଯ୍ୟଗୁଡିକର ସମୀକ୍ଷା କରିଥିଲେ । ଲୋହାନୀଙ୍କ ଗସ୍ତ ସମୟରେ ଜିଲାପାଳ ସଚିନ ପାୱାର, ବିଡିଓ ହିମାଞ୍ଚଳ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ଚିତ୍ରଗିରି ସାହିତ୍ୟ ସଂସଦର କବିତା ଆସର

ଚିତ୍ରକୋଣ୍ଡା,୨।୪(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଓଡ଼ିଶା ଦିବସ ଅବସରରେ ଚିତ୍ରଗିରି ସାହିତ୍ୟ ସଂସଦ ପକ୍ଷରୁ ଏକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଚିତ୍ରକୋଣ୍ଡା ଅଞ୍ଚଳର କବି, ସାହିତିକ, କବୟିତ୍ରୀ ଓ ଶିକ୍ଷାବିତ ଏହି ଆସରରେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଗୌରହରି ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡ଼ା, ମୁଖ୍ୟବକ୍ତା ଭାବେ ଏସଏସ୍‌ଡ଼ି ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଏବଂ ସମ୍ମାନିତ ଅତିଥିଭାବେ ଅଗ୍ନିଶମ ଅଧିକାରୀ ଅନ୍ତର୍ଯ୍ୟାମୀ ଖଣ୍ଡାଗିରି, ସରକାରୀ ବାଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ହନ୍ତାଳ, ଓଡିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ବିଶ୍ୱଶ୍ରୀ ବିଶ୍ୱାସ ପ୍ରଭାତ ଦାସ ଯୋଗ ଦେଇଥିଲେ। ଢ଼େପସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଉପସ୍ଥିତ କବୟିତ୍ରୀ କବିମାନେ କବିତାପାଠ କରିଥିଲେ। କବିତାଗୁଡିକୁ କବି କ୍ଷୀରୋଦ ବେହେରା ସଂଯୋଜନା କରିଥିଲେ। ସାହିତ୍ୟିକ ସ୍ୱର୍ଗତ ସୁଧାକର ଦାସଙ୍କୁ ମନେ ପକାଇ ତାଙ୍କ ସ୍ତ୍ରୀ ସାଗରବାଳା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ୨୨ ଜଣ କବୟିତ୍ରୀ ଓ କବିଙ୍କୁ ସମ୍ମାନିତ କରାଯାଇଥିଲା । ଆବାହକ ଶିକ୍ଷାବିତ ବାଲାଜୀ ସେଠୀ, ନିରୋଦ ଜେନା ଓ ରୀତା ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମ୍ବିକା ନନ୍ଦ, ରଶ୍ମିତା ତ୍ରିପାଠୀ, ବୁଲୁ ସେଠୀ, ସବିତା ତ୍ରିପାଠୀ, ଗିତାଞ୍ଜଳି ବାରିକ, ବ୍ରଜବନ୍ଧୁ ନାୟକ, ଉଲ୍ଲାସ ଜେନା, ଦୀପ୍ତି ନାୟକ, ଜ୍ଞାନ ରଞ୍ଜନ ପଲାଇ, ତ୍ରିନାଥ ଗୌଡ଼, ବିଜୟ ପଣ୍ଡାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।


ବୈଠକରେ ଯୋଗ ଦେଇଥିବା ସାହିତ୍ୟିକ ।

## ଜିଲାସ୍ତରୀୟ ରେଡକ୍ରସ୍ କମିଟି ବୈଠକ

ମାଲକାନଗିରି,୨।୪(ଦୁର୍ଯ୍ୟୋଧନ ପାତ୍ର)


ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

ମାଲକାନଗିରି ସଦର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ରେଡକ୍ରସ୍ କମିଟି ବୈଠକ ଜିଲାପାଳ ସଚିନ ପାୱାରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜରୁରୀକାଳୀନ ପରିସ୍ଥିତିରେ ଲୋକଙ୍କ ସହାୟତା ପାଇଁ ଜିଲାରେ ରେଡକ୍ରସ୍ ପାଣ୍ଠି ସଂଗ୍ରହ ବୃଦ୍ଧି କରିବାର ଆବଶ୍ୟକତା ରହିଛି। ତେଣୁ ସମସ୍ତ ବିଭାଗ ତତ୍ପରତା ପ୍ରକାଶ କରି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ନିର୍ଦ୍ଧାରିତ ଅର୍ଥ ପଇଠ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେ ଆହୁରି ମଧ୍ୟ କହିଥିଲେ, ଜିଲା ରେଡକ୍ରସ୍ ପାଣ୍ଠିର ବ୍ୟୟ ବିଭିନ୍ନ ପ୍ରକାର ଆପଦକାଳୀନ ସମୟରେ ହେଉଥିବାରୁ ଏହି ଅର୍ଥର ସଂଗ୍ରହ ନିତାନ୍ତ ଆବଶ୍ୟକ ରହିଛି। ଜିଲାରେ ବହୁତ ଗୁରୁତର ରୋଗୀ, ବିପର୍ଯ୍ୟୟ ପୀଡିତଙ୍କ ନିମନ୍ତେ ଏହି ଅର୍ଥ ବିନିଯୋଗ କରାଯାଇ ଲୋକଙ୍କୁ ଆଶ୍ୱସ୍ତି ମିଳୁଛି। ଜିଲାରେ ୧୨୬୫ ଟିବି ରୋଗୀଙ୍କୁ ରେଡକ୍ରସ୍ ପାଣ୍ଠିରୁ ପୌଷ୍ଟିକ ଆହାର ଯୋଗାଇ ସେମାନଙ୍କ ଆରୋଗ୍ୟ କାମନା କରାଯାଉଛି। ଜିଲାପାଳ ସମସ୍ତ ବିଭାଗର ଅଧିକାରୀମାନଙ୍କୁ ରେଡକ୍ରସ୍‌ର ସଦସ୍ୟ ହୋଇ ଏହାର ସଂଖ୍ୟା ବୃଦ୍ଧି ନିମନ୍ତେ ଅନୁରୋଧ କରିଥିଲେ। ସମସ୍ତେ ସ୍ୱେଚ୍ଛାକୃତ ଭାବେ ପ୍ରୋତ୍ସାହନ କରିବା ପାଇଁ ଆଗେଇ ଆସିବା ଦରକାର ବୋଲି ମଧ୍ୟ ସେ କହିଥିଲେ। ଏହାପରେ ଜିଲାରେ ଥିବା କେତେକ ଅଧିକାରୀ ମଙ୍ଗଳବାର ରେଡକ୍ରସ୍‌ର ସଦସ୍ୟ ହେବା ପାଇଁ ନାମାଙ୍କନ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ରାଜସ୍ୱ ବେଦବର ପ୍ରଧାନ, ଅତିରିକ୍ତ ଜିଲାପାଳ ସାଧାରଣ ସୋମନାଥ ପ୍ରଧାନ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ ନାରାୟଣ ରଥ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବିଡିଓ ଏବଂ ତହସିଲଦାର ଉପସ୍ଥିତ ଥିଲେ।

# ଏମ୍‌ପି ପ୍ରାର୍ଥୀ ଭାବେ ସପ୍ତଗିରି ରିପିଟ୍

## କଂଗ୍ରେସର ଲୋକ ସଭା, ବିଧାନସଭା ପ୍ରାର୍ଥୀ ଘୋଷଣା

■ ରାୟଗଡ଼ାରୁ ଆପଲାସ୍ୱାମୀ, ଗୁଣପୁରରୁ ସତ୍ୟଜିତ୍, ବିଷମକଟକରୁ ନୀଳମାଧବ


ସପ୍ତଗିରି ଉଲାକା


ଆପଲାସ୍ୱାମୀ କାଡ୍ରାକା


ନୀଳମାଧବ ହିକ୍‌କା


ସତ୍ୟଜିତ ଗମାଙ୍ଗ

ରାୟଗଡ଼ା,୨।୪(ଆଶିଷ ରଞ୍ଜନ ପଣ୍ଡା)

ଓଡ଼ିଶାର ୮ଟି ଲୋକ ସଭା ଆସନ ଓ ୪୯ଟି ବିଧାନସଭା ଆସନ ପାଇଁ କଂଗ୍ରେସ ପକ୍ଷରୁ ମଙ୍ଗଳବାର ପ୍ରାର୍ଥୀ ଘୋଷଣା ହୋଇଛି । ପ୍ରଥମ ପର୍ଯ୍ୟାୟ ତାଲିକାରେ କୋରାପୁଟ ଲୋକ ସଭା ଆସନ ଓ ରାୟଗଡ଼ା ଜିଲାର ସମସ୍ତ ୩ ବିଧାନସଭା ଆସନ ପାଇଁ ଏଆଇସିସି ତରଫରୁ ତାଲିକା ପ୍ରକାଶ ପାଇଛି। କୋରାପୁଟ ଲୋକ ସଭା ଆସନ ପାଇଁ ୧୨ଜଣ ଆଶାୟୀ ଥିଲେ ମଧ୍ୟ ପୁଣି ଥରେ ଏମ୍‌ପି ସପ୍ତଗିରି ଉଲାକାଙ୍କୁ ପ୍ରାର୍ଥୀ କରିଛି ଦଳ। ସପ୍ତଗିରି ୨୦୧୯ ସାଧାରଣ ନିର୍ବାଚନରେ ପ୍ରଥମ ଥର ନିର୍ବାଚନ ଲଢ଼ି ୩୭,୧୧୨୯ଖଣ୍ଡ ଭୋଟ ପାଇ ବିଜେଡି ପ୍ରାର୍ଥୀଙ୍କଠାରୁ ୩୬୧୩ ଭୋଟରେ ଆଗୁଆ ରହି ବିଜୟୀ ହୋଇଥିଲେ ।

ସେହିଭଳି ବିଧାନସଭା କ୍ଷେତ୍ରରେ ରାୟଗଡ଼ା ଆସନରେ ଆପଲାସ୍ୱାମୀ କାଡ୍ରାକା, ଗୁଣପୁର ଆସନରେ ସତ୍ୟଜିତ ଗମାଙ୍ଗ ଏବଂ ବିଷମକଟକ ଆସନରେ ନୀଳମାଧବ ହିକ୍‌କାଙ୍କୁ ଦଳ ପ୍ରାର୍ଥୀ କରିଛି। ପୂର୍ବରୁ ଏହି ୩ ଜଣଙ୍କ ନାମ ଚର୍ଚ୍ଚାରେ ରହିଥିବା ବେଳେ ଦୌଡ଼ରେ ମଧ୍ୟ ଆଗୁଆ ଥିଲେ। ଶେଷରେ ଦଳ ସେମାନଙ୍କ ନାମରେ ମୋହର ମାରିଛି। ଦଳ ତରଫରୁ ଏହି ଘୋଷଣା ପରେ ସେମାନଙ୍କ ସମର୍ଥକ ମହଲରେ ଖୁସିର ଲହରି ଖେଳିଯାଇଛି। ୨୦୧୯ ସାଧାରଣ ନିର୍ବାଚନରେ ରାୟଗଡ଼ା ଆସନରୁ ଆପଲାସ୍ୱାମୀ କଂଗ୍ରେସରୁ ପ୍ରାର୍ଥୀ ହୋଇ ୩୯,୬୫୭ ଭୋଟ ଓ ବିଷମକଟକ ଆସନରୁ ନୀଳମାଧବ ପ୍ରାର୍ଥୀ ହୋଇ ୫୨,୮୧୮ଖଣ୍ଡ ଭୋଟ ପାଇଥିଲେ । ହେଲେ ଉଭୟେ ନିର୍ବାଚନରେ ପରାଜିତ ହୋଇଥିଲେ । ଉଭୟଙ୍କର ସଂଗଠନ ସୁଦୃଢ଼ ରହିଥିବାରୁ ଦଳ ସେମାନଙ୍କ ଉପରେ ଆସ୍ଥା ପ୍ରକଟ କରି ପୁଣି ଥରେ ଟିକେଟ ଦେଇଛି । ତେବେ ସତ୍ୟଜିତ ଗୁଣପୁର ଆସନରେ ନବାଗତ। ପୁରୁଖା ନେତାଙ୍କୁ ପଛରେ ପକାଇ ସେ ଟିକେଟ ପାଇଛନ୍ତି । ୨୦୧୯ ନିର୍ବାଚନ ପରେ ସତ୍ୟଜିତ ଗୁଣପୁର ନିର୍ବାଚନମଣ୍ଡଳୀର ସମସ୍ତ ଅଞ୍ଚଳ ବୁଲି ଦଳକୁ ସଂଗଠିତ କରିଥିବାରୁ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଦଳ ଟିକେଟ ପ୍ରଦାନ କରିଛି । ଉଭୟ ୩ ପ୍ରାର୍ଥୀ ଗତ ପ୍ରାୟ ଦେଢ଼ ବର୍ଷ ହେବ ନିର୍ବାଚନମଣ୍ଡଳୀର ବିଭିନ୍ନ ଗାଁ ବୁଲିବା ସହିତ ବିଭିନ୍ନ ସମସ୍ୟା ସମାଧାନ ନେଇ ଉଦ୍ୟମ କରୁଥିବା ପରିଲକ୍ଷିତ ହୋଇଥିଲା। ଏଥିସହ ବିଭିନ୍ନ ଦଳୀୟ କାର୍ଯ୍ୟରେ ମଧ୍ୟ ନିଜକୁ ନିୟୋଜିତ କରୁଥିଲେ। ଏଣେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କ ଦୃଢ଼ ସମର୍ଥକ ମଧ୍ୟ ରହିଥିଲେ ଆପଲାସ୍ୱାମୀ, ସତ୍ୟଜିତ ଓ ନୀଳମାଧବ। ତେଣୁ ସପ୍ତଗିରି ଉଲାକା ନିଜର ଟିକେଟ ସହିତ ଏହି ୩ ଜଣଙ୍କ ପ୍ରାର୍ଥିତ୍ୱ ଉପରେ ମୋହର ମାରିବାରେ ସମର୍ଥ ହୋଇଛନ୍ତି।

# ଗୁଣପୁର ଆସନରେ ଭାଜପାରୁ ତ୍ରିନାଥ

ରାୟଗଡ଼ା,୨।୪(ଆଶିଷ ରଞ୍ଜନ ପଣ୍ଡା)


ତ୍ରିନାଥ ଗମାଙ୍ଗ

ଭାଜପା ପକ୍ଷରୁ ଓଡ଼ିଶାର ୧୧୨ଟି ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ରାୟଗଡ଼ା ଜିଲାର ୩ ବିଧାନସଭା ଆସନ ମଧ୍ୟରୁ ଗୁଣପୁର ପାଇଁ ତ୍ରିନାଥ ଗମାଙ୍ଗଙ୍କ ନାମ ଘୋଷଣା ହୋଇଛି। ତ୍ରିନାଥ ମାର୍ଚ୍ଚ ୧୫ରେ ଭାଜପାରେ ଯୋଗଦାନ କରିବା ପରେ ଦଳ ତାଙ୍କୁ ପ୍ରାର୍ଥୀ କରିଛି। ତ୍ରିନାଥ ପୂର୍ବରୁ ୨୦୧୪ ସାଧାରଣ ନିର୍ବାଚନରେ ଗୁଣପୁର ଆସନରୁ ବିଜେଡି ପ୍ରାର୍ଥୀ ହୋଇ ୫୯,୫୨୭ ଭୋଟ ପାଇ ବିଧାୟକ ହୋଇଥିଲେ । ଏହାପରେ ୨୦୧୯ ନିର୍ବାଚନରେ ବିଜେଡିରୁ ଟିକେଟ ନ ମିଳିବାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ୨୬,୩୨୧ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ ।

ସେପଟେ ଚର୍ଚ୍ଚାରେ ରହିଥିବା ଜିଲାର ଅନ୍ୟ ୨ ନିର୍ବାଚନମଣ୍ଡଳୀ ବିଷମକଟକ ଓ ରାୟଗଡ଼ା ଆସନକୁ ନେଇ ଦଳର ଅଙ୍କକଷା ଛିଡ଼ି ନ ଥିବାରୁ ଏହି ଦୁଇ ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇନାହିଁ । ବିଷମକଟକ ପାଇଁ ଗତ ନିର୍ବାଚନରେ ପ୍ରାର୍ଥୀ ହୋଇ ପରାସ୍ତ ହୋଇଥିବା ଶିବଶଙ୍କର ଉଲାକାଙ୍କ ନାମ ରହିଥିବା ଚର୍ଚ୍ଚା ହେଉଛି । ତେବେ ନିକଟରେ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଥିବା ଜଗନ୍ନାଥ ନୁଣ୍ଡ୍ରୁକା ମଧ୍ୟ ପ୍ରମୁଖ ଦାବିଦାର ରହିଛନ୍ତି । ତେଣୁ ଦଳ କାହାକୁ ପ୍ରାର୍ଥୀ କରିବ ସେ ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି ରାଜ୍ୟ ନେତୃତ୍ୱ। ସେହିଭଳି ରାୟଗଡ଼ା ନିର୍ବାଚନମଣ୍ଡଳୀରେ ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ବସନ୍ତ ଉଲାକା ପୁନର୍ବାର ଟିକେଟ ଆଶାୟୀ ରହିଥିବା ବେଳେ ଯୁବନେତା ତଥା ଦଳର ଜିଲା ସମ୍ପାଦକ ପ୍ରତାପ ପୁଆଲା ମଧ୍ୟ ଆଶାୟୀ ରହିଛନ୍ତି । ଉଭୟଙ୍କୁ ନେଇ ଦଳର ସ୍ଥିତି ଅନୁଧ୍ୟାନ ଶେଷ ହୋଇ ନ ଥିବା କାରଣରୁ ଦଳ ପକ୍ଷରୁ ରାୟଗଡ଼ା ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇନାହିଁ। ଅନ୍ୟପଟେ ରାୟଗଡ଼ା ନିର୍ବାଚନମଣ୍ଡଳୀରେ ବିଜେଡିରେ ଦେଖାଦେଇଥିବା ବିଦ୍ରୋହ କାରଣରୁ ମିଶ୍ରଣ ପର୍ବର ସମ୍ଭାବନା ରହିଛି। ଫଳରେ ପ୍ରାର୍ଥୀ ଚୟନରେ ବିଳମ୍ବ ଘଟୁଥିବା ରାଜନୈତିକ ସମୀକ୍ଷକମାନେ ପ୍ରକାଶ କରିଛନ୍ତି । ଆଗାମୀ ନିର୍ବାଚନରେ ଦଳ କିଭଳି ଓଡ଼ିଶାରେ ଭଲ ପ୍ରଦର୍ଶନ କରିବା ସହିତ ସଂଖ୍ୟାଗରିଷ୍ଠତା ହାସଲ କରିପାରିବ ତାକୁ ନଜରରେ ରଖି ଟିକେଟ ପ୍ରଦାନ କରୁଛି ଭାଜପା । ବର୍ତ୍ତମାନ ଦେଖିବାକୁ ବାକି ରହିଲା ବିଷମକଟକ ଓ ରାୟଗଡ଼ା ଆସନ ପାଇଁ ଦଳ କାହାକୁ ପ୍ରାର୍ଥୀ କରୁଛି ।

## ବିଷମକଟକ, ରାୟଗଡ଼ା ଆସନ ପାଇଁ ଛିଡୁନି ଅଙ୍କକଷା

## ସଂକ୍ଷେପରେ

### ଟିକିରିରେ ପୋଲିସର ଫ୍ଲାଗମାର୍ଚ୍ଚ

ଟିକିରି,୨।୪ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରିରେ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପାଇଁ ନିୟମିତ ବ୍ୟବଧାନରେ ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ ଚାଲିଛି । ମଙ୍ଗଳବାର ଟିକିରି ଥାନା ଆଇଆଇସି ବିଶ୍ୱବନ୍ଦିନୀ ବାଗଙ୍କ ନେତୃତ୍ୱରେ ଥାନା ପରିସରରୁ ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇଥିଲା । ପୋଲିସ ଟିକିରି ଆଖପାଖରେ ପଇଁତରା ମାରିବା ସହ ବିଭିନ୍ନ ପଞ୍ଚାୟତ ଉପର କୋଡିଙ୍ଗା, ପୋଡାପାଡି, ଗୋରଖପୁର, ଶଙ୍କରଡା ଭଳି ବିଭିନ୍ନ ଗ୍ରାମରେ ପଇଁତରା ମାଣିଥିଲେ।


ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରିରେ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପାଇଁ ପୋଲିସର ଫ୍ଲାଗ ମାର୍ଚ୍ଚ ।

### ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତ ସ୍ୱାମୀ ଜେଲ ଗଲେ

ଦିଗପହଣ୍ଡି,୨।୪(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଥାନା ନିମଖଣ୍ଡିପେଣ୍ଠ ପଞ୍ଚାୟତ ପନାଡ ଗ୍ରାମରେ ସ୍ତ୍ରୀଙ୍କୁ ଗଳାଚିପି ହତ୍ୟାଉଦ୍ୟମ ମାମଲାରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ମନୋରଞ୍ଜନ ମହାପାତ୍ର। ଦିଗପହଣ୍ଡି ଥାନା ମାମଲା ନଂ. ୧୪୯/୨୪ରେ ଜାମିନ ଆବେଦନ ଖାରଜ ହୋଇଯିବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲକୁ ପଠାଯାଇଛି। ପୋଲିସର ସୂଚନା ପ୍ରକାରେ ଅଭିଯୁକ୍ତଙ୍କ ସ୍ତ୍ରୀ ଆରତୀ ମହାପାତ୍ର ୧୦ ବର୍ଷ ପୂର୍ବେ ମନୋରଞ୍ଜନଙ୍କୁ ବିବାହ କରିଥିଲେ। ମନୋରଞ୍ଜନ ବାହାର ରାଜ୍ୟରେ କାମ କରୁଥିବା ବେଳେ ସ୍ତ୍ରୀ ଆରତୀ ଗାଁରେ ରହି ଆଶାକର୍ମୀ ଭାବେ କାର୍ଯ୍ୟ କରନ୍ତି। ବିଭିନ୍ନ ସମୟରେ ମନୋରଞ୍ଜନ ମଦପିଇ ନିଶାସକ୍ତ ଅବସ୍ଥାରେ ସ୍ତ୍ରୀ ଆରତୀଙ୍କୁ ଟଙ୍କା ଦାବି କରିବା ସହ ନ ଦେଲେ ମାଡ ମାରି ଆସୁଥିବା ଏତଲାରେ ଦର୍ଶାଯାଇଛି। ଏପରିକି ସୋମବାର ଅଭିଯୁକ୍ତ ତାଙ୍କ ସ୍ତ୍ରୀ ଆରତୀଙ୍କ ଗଳାଚିପି ତାଙ୍କୁ ହତ୍ୟାଉଦ୍ୟମ କରିବା ସହ ପରବର୍ତ୍ତୀ ସମୟରେ ପେଟ୍ରୋଲ ଢାଳି ମାରିଦେବାକୁ ଧମକ ଦେବାପରେ ବାଧହୋଇ ସେ ପୋଲିସରେ ଏତଲା ଦେଇଥିବା କହିଛନ୍ତି।

# କାଗଜ କଳ ଶ୍ରମିକଙ୍କ ଆନ୍ଦୋଳନ ଚେତାବନୀ

ଜୟପୁର,୨।୪(ପବନ ପାଣିଗ୍ରାହୀ)

ଜୟପୁର ସେବା କାଗଜ କଳର ଅବସରପ୍ରାପ୍ତ ଶ୍ରମିକମାନେ ସାମୁହିକ ଭାବେ ଆନ୍ଦୋଳନ କରିବାକୁ ମଙ୍ଗଳବାର ମ୍ୟାନେଜମେଣ୍ଟକୁ ଚେତାବନୀ ଦେଇଛନ୍ତି। ଏପ୍ରିଲ ୧୫ ସୁଦ୍ଧା ବିଜିନେସ ଟ୍ରାନ୍ସଫର ଏଗ୍ରିମେଣ୍ଟର ସର୍ତ୍ତ ପାଳନ ପାଇଁ ରାଜି ହୋଇ ନୋଟିସ ଦେବା, ସେହି ଅନୁସାରେ ସମସ୍ତଙ୍କୁ ନ୍ୟାୟ ଦେଇ ୫ ମାସର ଦରମା ନ ଦେଲେ ଅବସରପ୍ରାପ୍ତ ଶ୍ରମିକମାନେ ସମସ୍ତେ ମିଳିତ ଭାବେ ଆନ୍ଦୋଳନ କରିବେ ବୋଲି କହିଛନ୍ତି। ମାର୍ଚ୍ଚ ୩୧ରୁ କାରଖାନାର ପଲ୍ୟୁସନ ସାର୍ଟିଫିକେଟ ନବୀକରଣ ନ କରିବା ଯୋଗୁ ଉତ୍ପାଦନ ବନ୍ଦ ରହିଛି । ଶ୍ରମିକମାନଙ୍କୁ ଗତ ନଭେମ୍ବରରୁ କର୍ତ୍ତୃପକ୍ଷ ଦରମା ଦେଇନାହାନ୍ତି। ଶ୍ରମିକଙ୍କ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦେଉନାହାନ୍ତି । ଅବସରପ୍ରାପ୍ତ ଶ୍ରମିକମାନଙ୍କ ମଧ୍ୟରୁ କାଗଜକଳ ଅନେକଙ୍କୁ ନିଯୁକ୍ତି ଦେଇଛି ମାତ୍ର ଯେଉଁ ମାନେ ନିଯୁକ୍ତି ନ ପାଇ ବାହାରେ ଅଛନ୍ତି ସେମାନଙ୍କ ଦୁର୍ଦ୍ଦଶା ଦୂର କରିବାରେ ମ୍ୟାନେଜମେଣ୍ଟ ଆଖି ବୁଜି ଦେଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ୨୦୨୦ଏଯାଏ ସେମାନେ ଇପିଏଫ ଟଙ୍କା ଓ ପେନସନ ପାଇନାହାନ୍ତି। ୨୦୨୦ ରୁ ଆଜି ପର୍ଯ୍ୟନ୍ତ ସେମାନଙ୍କ ସମସ୍ୟା ସମାଧାନ ହେଉନାହିଁ । ୟୁନିଟ ହେଡ ସତନାମ ସିଂ ପାଲଙ୍କ ନାମରେ ଲିଖିତ ଚିଠି ଏଚଆର୍ ହେଡ ରମେଶ ଯାଦବଙ୍କୁ ପ୍ରଦାନ କରାଯାଇଛି । ଅବସରପ୍ରାପ୍ତ ଶ୍ରମିକଙ୍କ ଆବାହକ ପ୍ରମୋଦ ମହାନ୍ତି ଓ ପୂର୍ବତନ ସଂଘ ସଭାପତି ରବି କୁମାରଙ୍କ ନେତୃତ୍ୱରେ ଶ୍ରମିକମାନେ କାଗଜକଳ ଭିତରକୁ ୟୁନିଟ୍ ହେଡ୍ ପାଲଙ୍କୁ ଭେଟିବାକୁ ଯିବା ବେଳେ ଗେଟ ବନ୍ଦ କରି କରି ଦେଇଥିଲେ। ପରେ ସମସ୍ତ ଶ୍ରମିକ ଏକଜୁଟ ହେବାରୁ ବାଧ ହୋଇ ମ୍ୟାନେଜମେଣ୍ଟ ଗେଟ ଖୋଲିଥିଲା ଏବଂ ଦାବିପତ୍ର ଗ୍ରହଣ କରିଥିଲା ।


ଅବସରପ୍ରାପ୍ତ ଶ୍ରମିକମାନେ ୟୁନିଟ୍ ହେଡ୍‌ଙ୍କୁ ଦାବିପତ୍ର ଦେଉଛନ୍ତି ।

# ଭୋଟ ନେଇ ପଦଯାତ୍ରାରେ ସଚେତନ କରୁଛନ୍ତି ବୁଲୁ

କୋରାପୁଟ,୨।୪(ଅମିତାଭ ବେହେରା )

ମଙ୍ଗଳବାର କୋରାପୁଟ ଜିଲା ଲକ୍ଷ୍ମୀପୁର ଅଞ୍ଚଳର ବୁଲୁ ମୁଦୁଲି ନାମକ ଜଣେ ଯୁବକ ସଚେତନତା ପଦଯାତ୍ରାରେ ବାହାରି କୋରାପୁଟରେ ପହଞ୍ଚିଛନ୍ତି। ସେ ଅବିଭକ୍ତ କୋରାପୁଟ ଜିଲାର ଭୋଟରଙ୍କୁ ସଚେତନ କରାଉଛନ୍ତି। ଭୋଟ କେବେ ବିକ ନାହିଁ କି ଅର୍ଥଦ୍ୱାରା ପ୍ରଭାବିତ ହୁଅନାହିଁ ବୋଲି ସେ ଲୋକଙ୍କୁ ବୁଝାଉଛନ୍ତି। ମାଲକାନଗିରି, ନବରଙ୍ଗପୁର, ରାୟଗଡା ଜିଲାରେ ପଦଯାତ୍ରା ପରେ ମଙ୍ଗଳବାର କୋରାପୁଟ ଜିଲାରେ ପଦଯାତ୍ରା ଶେଷ କରିଛନ୍ତି। ଯେଉଁ ନେତା ଆମକେ ରୋଜଗାର ଦେଇସି, ଆମର ଅଞ୍ଚଳର ମୌଳିକ ସମସ୍ୟା ଜଳ ଓ ଜଙ୍ଗଲ ଜମିର ସୁରକ୍ଷା ଲାଗି ଲଢେଇ କରସି ତାକେ ଭୋଟ ଦିଅ ବୋଲି ବୁଲୁ ଲୋକଙ୍କୁ ସଚେତନ କରାଉଥିବା ହିଛନ୍ତି। କୋରାପୁଟ ସଦର ମହକୁମାରେ ପହଞ୍ଚିବା ପରେ ତାଙ୍କୁ ସମାଜିକ କର୍ମୀ ପ୍ରଦୀପ୍ତ ଟାକ୍ରି,ବାପୁଜୀ ପାତ୍ର ସ୍ୱାଗତ କରିଥିଲେ।


କୋରାପୁଟରେ ପହଞ୍ଚିଥିବା ବୁଲୁ।

# ଡ୍ରେସ୍ ଆଇରନ ବେଳେ ଯୁବକଙ୍କ ମୃତ୍ୟୁ

ଚକାପାଦ, ୨।୪(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ ଲାଇନ ପଡା ନିକଟସ୍ଥ ଅଣ୍ଟୁଗୁଡ଼ା ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି । ଗ୍ରାମର ପଦ୍ମଚରଣ ପ୍ରଧାନ ଡ୍ରେସ୍ ଆଇରନ କରୁଥିବା ବେଳେ କୌଣସି କାରଣ ବଶତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ଘଟଣାସ୍ଥଳରେ ଲାଇନ୍‌ପଡା ଫାଣ୍ଡି ଅଧିକାରୀ ବିଷ୍ଣୁ ଚରଣ କହଁର ପହଞ୍ଚି ମୃତଦେହ ଜବତ କରିବା ସହିତ ନଂ.୨/୨୪ ରେ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି ।

# ଇଟାରେ ଛେଚି ଯୁବକଙ୍କୁ ହତ୍ୟା, ମହିଳା ଅଟକ

ଗୋପାଳପୁର,୨।୪(ନବୀନରାଜ ଆଚାରୀ)

ଗୋଳନ୍ଥରା ଥାନା ପୁଟିପଦର ଗ୍ରାମରୁ ମଙ୍ଗଳବାର ବିଶ୍ୱନାଥ ବେହେରା(୨୫)ଙ୍କ ମୃତଦେହ ପୋଲିସ ଜବତ କରିଛି। ତାଙ୍କୁ ଇଟାରେ ଛେଚି ହତ୍ୟା କରାଯାଇଥିବା ଜଣାପଡିଛି। ଗ୍ରାମ ତଳସାହିର ଏକ ବୁଦା ମୂଳେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିଲା। ମୃତକ ବିଶ୍ୱନାଥ ବୋଲି ଜଣାପଡିବା ପରେ ପରିବାର ଲୋକଙ୍କୁ କୁହାଯାଇଥିଲା। ଗୋଳନ୍ଥରା ଥାନାରେ ମୃତକଙ୍କ ଭାଇ ରାଜେନ୍ଦ୍ର ବେହେରା ଅଭିଯୋଗକ୍ରମେ ପୋଲିସ ନଂ.୧୨୪/୨୪ରେ ମାମଲା ରୁଜୁ କରିଛି। ତଦନ୍ତ ପରେ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଜଣେ ମହିଳାଙ୍କୁ ଅଟକ ରଖିଛି।

ତଳ ସାହିରେ ରହୁଥିବା ଜଣେ ମହିଳାଙ୍କ ସହିତ ୩ ବର୍ଷ ହେଲା ବିଶ୍ୱନାଥଙ୍କ ପ୍ରେମ ସମ୍ପର୍କ ଥିଲା। ବିଶ୍ୱନାଥ ମଦ୍ୟପାନ କରି ତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରୁଥିଲେ। ସୋମବାର ରାତିରେ କୌଣସି କାରଣକୁନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ମହିଳା ଜଣଙ୍କ ଏଥିରେ ଉତ୍ତ୍ୟକ୍ତ ହୋଇ ଏକ ଇଟାରେ ବିଶ୍ୱନାଥଙ୍କ ମୁଣ୍ଡକୁ ପିଟିଥିଲେ ବୋଲି ପୋଲିସ ନିକଟରେ କହିଛନ୍ତି। ଅତ୍ୟଧିକ ରକ୍ତସ୍ରାବ ହେବାରୁ ବିଶ୍ୱନାଥଙ୍କ ମୃତ୍ୟୁ ହୋଇଥିଲା। ପରେ ମହିଳା ଜଣଙ୍କ ମୃତଦେହକୁ ଘରଠାରୁ ଘୋଷାଡି ନେଇ ନିକଟସ୍ଥ ଏକ ବୁଦାରେ ପକାଇ ଦେବା ସହ ମୋବାଇଲ ଫୋନକୁ ବାଲିଗଦାରେ ପୋତି ଦେଇଥିଲେ। ରକ୍ତଭିଜା କପଡାକୁ କିଛି ଦୂରରେ ଫିଙ୍ଗି ଦେଇଥିଲେ। ମଙ୍ଗଳବାର ସେ ସବୁକୁ ପୋଲିସ ଜବତ କରିଛି। ମୃତଦେହ ବ୍ରହ୍ମପୁର ବଡ଼ ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ପୋଲିସ କର୍ମଚାରୀ ସେବା, ସୁରକ୍ଷାର ପ୍ରତୀକ

## ଭାମିନିରେ ପୋଲିସ ପ୍ରତିଷ୍ଠା ଦିବସ

ଗୁଣପୁର,୨।୪ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ରାମନାଗୁଡା ବ୍ଲକ ଭାମିନିଠାରେ ଥିବା ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ ପକ୍ଷରୁ ସୋମବାର ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଭାମିନି ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀର ଦୁର୍ଗପତି ବ୍ରଜ ମୋହନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆୟୋଜିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଉତ୍ସବରେ ଗୁଣପୁର ଉପ ଜିଲାପାଳ କିରଣଦୀପ କୌର ସାହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୋଲିସ ସେବା ଓ ସୁରକ୍ଷାର ପ୍ରତୀକ ବୋଲି କହିବା ସହ ପୋଲିସ ଦିବସରେ ସମସ୍ତଙ୍କୁ ଶୁଭକାମନା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡ. ରମେଶ ଚନ୍ଦ୍ର ସାହୁ , ରାମନାଗୁଡ଼ା ତହସିଲଦାର ନିର୍ମଳ ସାହୁ, ଗୁଣପୁର ସାମାଜିକ କର୍ମୀ ଅକ୍ଷୟ ଦାସ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଉତ୍ସବରେ ପୋଲିସ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରେଷ୍ଠ ଏସ୍‌ଆଇ ଭାବେ ବିଭୂତି ଭୂଷଣ ମଲ୍ଲ, ଏଏସ୍‌ଆଇ ନିର୍ମଳ ଅଧିକାରୀ, ଦୀପ୍ତି ରଞ୍ଜନ ସାମଲ , ହାବିଲଦାର ଜଗଦୀଶ ବାରିକ , କନଷ୍ଟବଲ ଧନବନ୍ତ ବିଶାଳ ଙ୍କୁ ମାନପତ୍ର ଓ ଆର୍ଥିକ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ଡେପୁଟି କମାଣ୍ଡାଣ୍ଟ ଗୋପବନ୍ଧୁ ତ୍ରିପାଠି, ଦୀପକ କୁମାର ଦେହୁରୀ, ବିଦ୍ଧୁ ଭୂଷଣ ଉଦ୍ଗାଗାତା, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନୀଳାମ୍ବର ପରିଡା, ଦୀପ୍ତି ରଞ୍ଜନ ସାମଲ, ସାଗର ଟପୋ, ମୃତ୍ୟୁଞ୍ଜୟ ନାୟକଙ୍କ ସମେତ ସମସ୍ତ ଯବାନମାନେ ଉପସ୍ଥିତ ଥିଲେ।


ଭାମିନି ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀର ଦୁର୍ଗପତି ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

# ବୃଦ୍ଧଙ୍କୁ ସଂଘବଦ୍ଧ ଆକ୍ରମଣ ମାମଲାରେ ୩ ଗିରଫ

ଜୟପୁର, ୨।୪(ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅନ୍ତର୍ଗତ ବାୟାଗୁଡାରେ ଜଣେ ବୃଦ୍ଧ ସୁନ୍ଦର ହରିଜନ (୫୦)ଙ୍କୁ ୩ ଜଣ ସୋମବାର ସଂଘବଦ୍ଧ ଆକ୍ରମଣ କରିଥିଲେ। ଏହି ମାମଲାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ସାନଜିଉନା ଗ୍ରାମର କୃତ୍ତିବାସ ନାୟକ (୫୦), ତାଙ୍କ ପୁଅ ସଞ୍ଜିତ୍ ନାୟକ(୩୧) ଏବଂ ଇରିଗେସନ କୋଲନୀର ଶଙ୍କର ବିଷୋୟୀ (୪୦)। ବାୟାଗୁଡା ଗ୍ରାମର ଦୁର୍ଯ୍ୟ ହରିଜନ ଓ ତାଙ୍କ ସାଙ୍ଗମାନେ ନୀଳଗିରି ଗଛ କାଟି ଖାଇବାକୁ ଆସୁଥିବା ସମୟରେ ଗ୍ରାମର ସୁନ୍ଦରଙ୍କୁ ସାନଜିଉନା ଗ୍ରାମର କେତେ ଜଣ ସଂଘବଦ୍ଧ ଆକ୍ରମଣ କରୁଥିବା ଦେଖି ତାଙ୍କୁ ନ ମାରିବା ପାଇଁ ଦୁର୍ଯ୍ୟ କହିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସେମାନେ ଦୁର୍ଯ୍ୟଙ୍କ ସମେତ ଅନ୍ୟମାନଙ୍କୁ ବନ୍ଧୁକ ଦେଖାଇ ଧମକଚମକ ଦେଇଥିଲେ। ସୁନ୍ଦରଙ୍କୁ ପରିବାର ଲୋକେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ଏନେଇ ହୋଇଥିବା ଅଭିଯୋଗକୁ ଭିତ୍ତିକରି ପୋଲିସ ୩ଜଣଙ୍କୁ ଧରି ଆଣି ପଚରାଉଚରା କରୁଥିଲା। ଏବେ ସେମାନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

# ଭିଜିଲାନ୍ସ ତଦନ୍ତ ଦାବି କଲେ ଖବରଦତା

## ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ

ରାୟଗଡ଼ା,୨।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକର ଧାମୁଣିପଙ୍ଗା ପଞ୍ଚାୟତରେ ବିଭିନ୍ନ ସରକାରୀ କାର୍ଯ୍ୟରେ ଅନିୟମିତତା ଓ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାର ଭିଜିଲାନ୍ସ ତଦନ୍ତ ନିମନ୍ତେ କଲ୍ୟାଣସିଂପୁର ବ୍ଲକ୍‌ର ଖବରଦାତାମାନେ ବିଡ଼ିଓ ମନୀଷା ଦାସଙ୍କ ଜରିଆରେ ଲିଖିତ ଅଭିଯୋଗ କରିଛନ୍ତି ।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୨୦୨୩-୨୪ ଆର୍ଥିକ ବର୍ଷରେ ଧାମୁଣିପଙ୍ଗା ପଞ୍ଚାୟତରେ ସରକାରୀ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ଓ ଦୁର୍ନୀତି ହୋଇଛି । କତାଗୁଡା ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟରେ ୫-ଟି କାର୍ଯ୍ୟ, ମନରେଗା, ୧୪ ସିଏଫସି ,୧୫ଏସଏଫସି, ମୋ ସ୍କୁଲ ଯୋଜନା, ଆମ ଓ ନବୀନ ଓଡିଶା ,ବିଜୁ କେବିକେ କାର୍ଯ୍ୟଗୁଡିକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ନେଇ ବିଡ଼ିଓ ନିଜେ ତଦନ୍ତ କରିବା ସହ ଭିଜିଲାନ୍ସ ବିଭାଗକୁ ତଦନ୍ତ କରିବାକୁ ଖବରଦାତାମାନେ ଲିଖିତ ଆକାରରେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରାଯିବା ସହ ଅଭିଯୋଗକୁ ଭିଜିଲାନ୍ସ ନିକଟକୁ ପଠାଇବେ ବୋଲି ବୋଲି ବିଡ଼ିଓ ମନୀଷା ଦାସ ପ୍ରତିଶ୍ରୁତି ଦେଇଥିଲେ । ବିଡିଓଙ୍କୁ ଦାବିପତ୍ର ପ୍ରଦାନ ସମୟରେ କଲ୍ୟାଣସିଂହପୁର ବ୍ଲକର ୧୫ଜଣ ଖବରଦାତା ଉପସ୍ଥିତ ଥିଲେ ।


ଖବରଦାତାମାନେ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

# ଦଣ୍ଡକାଳୀ ଯାତ୍ରାରେ ୧୨୦ ଦଣ୍ଡଧାରୀ ସାମିଲ

ବିଷମ କଟକ,୨।୪
(ବିଭୁତି ଭୂଷଣ ନାୟକ)

ରାୟଗଡା ଜିଲା ବିଷମ କଟକ ସହରରେ ମହାକାଳୀଙ୍କ ଦଣ୍ଡଯାତ୍ରା ସହରର ମୁଖ୍ୟ ରାସ୍ତାଠାରେ ଅନୁଷ୍ଠିତ ହୋଇଛି। ଗଞ୍ଜାମ ଜିଲାର ପ୍ରସିଦ୍ଧ ଦଣ୍ଡଯାତ୍ରା ଆରମ୍ଭ ହୋଇଥିବାବେଳେ ମଙ୍ଗଳବାର ବିଷମ କଟକ ସହରରେ ଗଞ୍ଜାମ ଜିଲା ମରାବୋଇ ଦଣ୍ଡବାଲାଙ୍କ ଦ୍ୱାରା ଦଣ୍ଡ ମହାକାଳୀଙ୍କ ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨୦ ଜଣ ଦଣ୍ଡଧାରୀ ସାମିଲ ହୋଇଛନ୍ତି। ବିଷମକଟକ ଦଣ୍ଡକାଳୀ ପୂଜା କମିଟି ପକ୍ଷରୁ ଦିନତମାମ ଧୂଳି ଦଣ୍ଡ, ବାଲି ଦଣ୍ଡ, ପାଣି ଦଣ୍ଡ ପରି ଅନେକ ପ୍ରକାରର ଦଣ୍ଡ ଆସନ ଆୟୋଜନ କରାଯାଇଥିଲା । ମାନସିକଧାରୀମାନେ ଏହି ଯାତ୍ରାରେ ସାମିଲ ହୋଇ ପ୍ରଥମେ ମା'ଦଣ୍ଡକାଳୀଙ୍କୁ ବିଷମ କଟକ ସହର ପରିକ୍ରମା କରିଥିଲେ। ସନ୍ଧ୍ୟା ସମୟରେ ମା' କାଳୀଙ୍କ ସନ୍ଧ୍ୟା ଆଳତୀ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଆଳତୀ ଶେଷ ହେବା ପରେ ଶିବ ଓ କାଳୀଙ୍କ ମହାମିଳନ କରାଯାଇଥିଲା। ପୂଜା କମିଟି ପକ୍ଷରୁ ମନୋରଞ୍ଜନ ନିମନ୍ତ ସାମାଜିକ ନାଟକର ଆୟଜନ କରାଯାଇଛି । ମା' କାଳୀଙ୍କ ଏହି ଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଭକ୍ତଙ୍କ ସମାଗମ ହୋଇଥବା ଦେଖିବାକୁ ମିଳିଛି ।


ବିଷମକଟକରେ ଦଣ୍ଡ ମହାକାଳୀଙ୍କ ଦଣ୍ଡଯାତ୍ରା।

